ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

## 'କରୋନା'କୁ ଦୃଷ୍ଟିରେ ରଖି

# ଅଗ୍ରୀମ ଦିଆଯିବ ସାମାଜିକ ସୁରକ୍ଷା ଭତ୍ତା

ଭୁବନେଶ୍ୱର : ୧୭ ମାର୍ଚ୍ଚ,୨୦୨୦

କରୋନା ଭୂତାଣୁ ରୋଗ (କୋଭିଡ୍-୧୯)କୁ ଦୃଷ୍ଟିରେ ରଖି ରାଜ୍ୟର ସମସ୍ତ ହିତାଧିକାରୀଙ୍କୁ ସାମାଜିକ ସୁରକ୍ଷା ଭତ୍ତା ଅଗ୍ରୀମ ପ୍ରଦାନ କରାଯିବ । ଫଳରେ ସାମାଜିକ ସୁରକ୍ଷା ଯୋଜନା ଅଧୀନରେ ପଞ୍ଜୀକୃତ ହିତାଧିକାରୀମାନେ ଆସନ୍ତା ଅପ୍ରେଲ, ମଇ, ଜୁନ୍ ଓ ଜୁଲାଇ ମାସର ଭତ୍ତା ଅଗ୍ରୀମ ପାଇବେ ବୋଲି ସାମାଜିକ ସୁରକ୍ଷା ତଥା ଭିନ୍ନକ୍ଷମ ସଶକ୍ତିକରଣ ମନ୍ତ୍ରୀ ଶ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ପ୍ରକାଶ କରିଛନ୍ତି ।

ଆଜି ଲୋକସେବା ଭବନରେ ମନ୍ତ୍ରୀ ଶ୍ରୀ ପଣ୍ଡା କହିଛନ୍ତି ଯେ ମହାମାରୀ କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ପକ୍ଷରୁ ବ୍ୟାପକ ପ୍ରତିକାରମୂଳକ ପଦକ୍ଷେପ ଗ୍ରହଣ କରାଯାଉଛି । ରାଜ୍ୟରେ ସାମାଜିକ ସୁରକ୍ଷା ଯୋଜନା ଅଧୀନରେ ଉପକୃତ ହେଉଥିବା ହିତାଧିକାରୀମାନଙ୍କୁ ସେଥିପାଇଁ ଆସନ୍ତା ୪ ମାସର ଭତ୍ତା ରାଶି ଅଗ୍ରୀମ ପ୍ରଦାନ କରାଯିବ ବୋଲି ମନ୍ତ୍ରୀ ଶ୍ରୀ ପଣ୍ଡା କହିଛନ୍ତି । ତେବେ ଏହି ଭତ୍ତା ପ୍ରଦାନର ନିର୍ଦ୍ଦିଷ୍ଟ ତାରିଖ ଓ ସ୍ଥାନ ପରବର୍ତ୍ତୀ ସମୟରେ ଘୋଷଣା କରାଯିବ ।

ଅନ୍ୟ ପକ୍ଷରେ ସାମାଜିକ ସୁରକ୍ଷା ତଥା ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ କରୋନା ପ୍ରତିରୋଧ ନେଇ ମାର୍ଗଦର୍ଶିକା ଜାରି କରାଯାଇଛି । ବିଭାଗ ପକ୍ଷରୁ ଚାଲିଥିବା କ୍ଷମତା ଏକ୍ସପ୍ରେସ୍ ଶିବିର, ଭିନ୍ନକ୍ଷମ ପ୍ରମାଣପତ୍ର ଶିବିର, ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଏବଂ ଅନ୍ୟାନ୍ୟ ହିତାଧିକାରୀସଂପୃକ୍ତ ଥେରାପି, ଫିଟ୍‌ମେଣ୍ଟ ଓ କାଉନ୍‌ସେଲିଂ କେନ୍ଦ୍ରଗୁଡ଼ିକୁ ପରବର୍ତ୍ତୀ ନିର୍ଦ୍ଦେଶନାମା ପର୍ଯ୍ୟନ୍ତ ବାତିଲ କରାଯାଇଛି ବୋଲି ମାର୍ଗଦର୍ଶିକାରେ କୁହାଯାଇଛି । ଗତକାଲି ବିଭାଗୀୟ କମିଶନର ତଥା ଶାସନ ସଚିବ ଶ୍ରୀ ଭାସ୍କର ଜ୍ୟୋତି ଶର୍ମା ସମସ୍ତ ଜିଲ୍ଲାପାଳଙ୍କୁ ଉପରୋକ୍ତ ମର୍ମରେ ପତ୍ର ଲେଖି ମାର୍ଗଦର୍ଶିକା ପାଳନ ନିମନ୍ତେ ପରାମର୍ଶ ଦେଇଛନ୍ତି ।

ସୂର୍ଯ୍ୟ ମିଶ୍ର
ସୂଚନା ଅଧିକାରୀ